THE PRAMEYA

29th Feb 2020



## ଆଇଆଇଟିରେ ଜାତୀୟ ବିଜ୍ଞାନ ଦିବସ

# ଜୀବନକୁ ସରଳ, ସହଜ କରିଛି ବିଜ୍ଞାନ

ଭୁବନେଶ୍ୱର, ୨୮।୨(ବ୍ୟୁରୋ): ଭାରତୀୟ ପ୍ରଦ୍ୟୋଗିକ ସଂସ୍ଥା (ଆଇଆଇଟି)ରେ ଜାତୀୟ ବିଜ୍ଞାନ ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ନିର୍ଦ୍ଦେଶକ ପ୍ରଫେସର ଆର୍.ଭି ରାଜାକୁମାର କହିଲେ, ଆମ ଦିନ ବିଜ୍ଞାନରୁ ଆରମ୍ଭ ହେଉଛି ଆଉ ବିଜ୍ଞାନରେ ଶେଷ ହେଉଛି। ବିଜ୍ଞାନ ଆମ ଜୀବନକୁ ସହଜ, ସରଳ ଓ ଫଳପ୍ରଦ କରାଇପାରିଛି। ବିଜ୍ଞାନ ନୂଆ ନୂଆ ଦିଗ ବାହାର କରୁଥିବା ସମସ୍ତ ବୈଜ୍ଞାନିକଙ୍କ ଅବଦାନ ଅତୁଳନୀୟ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିର ନିର୍ଦ୍ଦେଶକ ପ୍ରଫେସର ସୁଦ୍ଧାସତ୍ତ୍ୱା ବାସୁ ଯୋଗ ଦେଇ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ବିଭିନ୍ନ ଜଟିଳ ଦିଗ ବିଷୟରେ କହିଥିଲେ। ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ବିଷୟରେ ଅଧିକ ଜଣାଇବା ପାଇଁ ଶିକ୍ଷକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଜ୍ଞାନ କ୍ଷେତ୍ରରେ ନାରୀମାନଙ୍କ ଭୂମିକା ଉପରେ ମଧ୍ୟ ସେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଆଇଆଇଟିର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ପୋଷ୍ଟର ପ୍ରଦର୍ଶନୀ ସେସନ୍ ହୋଇଥିଲା। ଏଥିରେ ତିନି ଶ୍ରେଷ୍ଠ ପୋଷ୍ଟର ଚୟନ କରାଯାଇ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଲୁମିନି ଆଫେୟର୍ସ ଆଣ୍ଡ ଇଣ୍ଟରନ୍ୟାସନାଲ୍ ରିଲେସନସ୍‌ର ଡିନ୍ ପ୍ରଫେସର ଆର୍.କେ ପଣ୍ଡା, ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ଡିନ୍ ପ୍ରଫେସର ସୁଜିତ ରାଏ, ଷ୍ଟୁଡେଣ୍ଟସ୍ ଆଫେୟର୍ସ ଡିନ୍ ପ୍ରଫେସର ଭି.ଆର୍ ପେଡିରେଡ୍ଡି, ଏକାଡେମିକ ଆଫେୟର୍ସ ଆଣ୍ଡ କୋଲ୍ ଡିନ୍ ଡ. ପି ଆର୍ ସାହୁ, ରେଜିଷ୍ଟ୍ରାର ଡ. ସୁବୋଧ କୁମାର ପ୍ରମୁଖ ଉପସ୍ଥିତ ଥିଲେ।